# ଭାରତୀୟ ଜନତା ପାର୍ଟି, ଓଡିଶା

ପୁରୀ ଗଣ୍ଡଗୋଳରେ ଶାନ୍ତି କମିଟି ସଦସ୍ୟମାନଙ୍କୁ ଡକାଇ ଗିରଫ କରାଯିବା ପ୍ରସଙ୍ଗରେ

## ନିର୍ଦ୍ଦିଷ୍ଟ ସରକାରୀ ଅଫିସର, ସ୍ଥାନୀୟ ବିଧାୟକ ଓ ଶାସକ ଦଳର ପ୍ରରୋଚନାରେ ଶାନ୍ତି କମିଟି ସଦସ୍ୟଙ୍କୁ ଗିରଫ କରାଯାଉଛି : ବିଜେପି

- **ସ୍ଥାନୀୟ ବିଧାୟକ ମହେଶ୍ୱର ମହାନ୍ତିଙ୍କ ଇଙ୍ଗିତରେ ହିଂସାକାଣ୍ଡ ଘଟିଛି**
- **ଆଲୋଚନା ଆଳରେ ଶାନ୍ତି କମିଟି ସଦସ୍ୟ ଓ ସେବାୟତମାନଙ୍କୁ ରାଜନୈତିକ ଉଦ୍ଦେଶ୍ୟ ରଖି ଗିରଫ କରାଯିବା ଅତ୍ୟନ୍ତ ନିନ୍ଦନୀୟ**
- **ଘଟଣାକୁ ସମ୍ବେଦନଶୀଳ ଭାବେ ଗ୍ରହଣ କରି ଶାନ୍ତି ମାଧ୍ୟମରେ ସମାଧାନର ବାଟ ବାହାର କରନ୍ତୁ**

**ଭୁବନେଶ୍ୱର, ତା.୦୮/୧୦ :** ରାଜ୍ୟରେ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡିଛି । ବିଶେଷ ଭାବେ ଶ୍ରୀକ୍ଷେତ୍ର ପୁରୀଠାରେ କିଛି ଦିନ ଭିତରେ ଦୁଇ ଦୁଇଟି ଅଭାବନୀୟ ଘଟଣା ଘଟିଯାଇଛି । ନିକଟ ଅତୀତରେ ସୋର, ବାଲିଆପାଳ ଏବଂ ପୁରୀଠାରେ କାର୍ଯ୍ୟରତ ସାମ୍ବାଦିକମାନଙ୍କୁ ମାଡ ମରାଯିବା ଭଳି ଅତ୍ୟନ୍ତ ନିନ୍ଦନୀୟ ଓ ଲଜ୍ଜାଜନକ ଘଟଣା ଘଟିଯାଇଛି । ଏହାକୁ ବିଜେପି କଡା ଭାଷାରେ ଦୃଢ ନିନ୍ଦା କରୁଛି ବୋଲି ବିଧାୟକ ଦଳ ନେତା ଶ୍ରୀ କନକ ବର୍ଦ୍ଧନ ସିଂହଦେଓ କହିଛନ୍ତି ।

ସେହିପରି ଗତ ୩ ତାରିଖ ଦିନ ଶ୍ରୀ ଜଗନ୍ନାଥ ମନ୍ଦିରରେ ପ୍ରବେଶ ଓ ଧାଡି ଦର୍ଶନକୁ ନେଇ ଶ୍ରୀକ୍ଷେତ୍ରଠାରେ ଘଟିଯାଇଥିବା ହିଂସାକାଣ୍ଡ ସମସ୍ତଙ୍କୁ ଲଜ୍ଜିତ କରିଛି । ସ୍ଥାନୀୟ ବିଧାୟକ ଓ ଶାସକ ବିଜେଡିର ପ୍ରଭାବଶାଳୀ ମନ୍ତ୍ରୀ ଶ୍ରୀ ମହେଶ୍ୱର ସାହୁଙ୍କ ପ୍ରତ୍ୟକ୍ଷ ପ୍ରରୋଚନାରେ ହିଂସାକାଣ୍ଡ ହୋଇଥିଲା ଏବଂ ବର୍ତ୍ତମାନ ତାଙ୍କରି ନିର୍ଦ୍ଦେଶରେ ପୋଲିସ ରାତିଅଧିଆ ଗିରଫ କରୁଛି ବୋଲି ଶ୍ରୀ ସିଂହଦେଓ ଅଭିଯୋଗ କରିଛନ୍ତି ।

ଶ୍ରୀ ସିଂହଦେଓ କହିଛନ୍ତି ଯେ, ଘଟଣାର ଭିଡିଓ କ୍ଲିପ୍ ଅନୁଧ୍ୟାନ କରି ହିଂସାକାଣ୍ଡ ଭିଆଇଥିବା ପ୍ରକୃତ ଅଭିଯୁକ୍ତଙ୍କୁ ଗିରଫ କରାନଯାଇ ପରବର୍ତ୍ତୀ ସମୟରେ ସ୍ଥାନୀୟ ବିଧାୟକ ଏବଂ ଶାସକ ଦଳର ପ୍ରତ୍ୟକ୍ଷ ପ୍ରରୋଚନାରେ ଶାନ୍ତି କମିଟିର ସଦସ୍ୟ ଏବଂ ସେବାୟତମାନଙ୍କୁ ଗିରଫ କରାଯାଉଛି । ଏହା କେବଳ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ । ପ୍ରଥମେ ଶାନ୍ତି କମିଟିକୁ ଆଲୋଚନା ଆଳରେ ବୈଠକକୁ ଡାକି ପରବର୍ତ୍ତୀ ସମୟରେ ଶାନ୍ତି କମିଟି ସଦସ୍ୟମାନଙ୍କୁ ଗିରଫ କରାଯିବା ଘଟଣା ଆମ ଆକ୍ଷେପକୁ ଆହୁରି ଦୃଢୀଭୂତ କରୁଛି ବୋଲି ଶ୍ରୀ ସିଂହଦେଓ କହିଛନ୍ତି ।

ରାଜ୍ୟ ସରକାରଙ୍କ ପ୍ରତିନିଧି ତଥା ପୁରୀ ଜିଲ୍ଲାପାଳ ଧାଡି ଦର୍ଶନ ବ୍ୟବସ୍ଥାକୁ ପରୀକ୍ଷାମୂଳକ ଭାବେ ଲାଗୁ କରାଯାଉଛି ବୋଲି ଗଣମାଧ୍ୟମରେ କହିଥିଲେ । ମାତ୍ର ଏହାକୁ ସ୍ଥାୟୀ ଭାବେ ଲାଗୁ କରିଥିଲେ । ଶ୍ରୀମନ୍ଦିର ବାହାରେ ଧାଡିରେ ଠିଆ ହୋଇ ଭକ୍ତମାନେ ବହୁ କଷ୍ଟ ପାଉଥିବା ଗଣମାଧ୍ୟମରେ ମଧ୍ୟ ପ୍ରଦର୍ଶିତ ହୋଇସାରିଛି । ପୂର୍ବରୁ ଏହି ବ୍ୟବସ୍ଥାକୁ ବିରୋଧ କରିବା ସହ ଧାଡି ଦର୍ଶନ ବ୍ୟବସ୍ଥା ଲାଗୁ କରିବା ପୂର୍ବରୁ ଏ ସଂପର୍କରେ ବିସ୍ତୃତ ଆଲୋଚନା କରିବା ପାଇଁ ଆନ୍ଦୋଳନକାରୀ ପ୍ରସ୍ତାବ ଦେଇଥିଲେ । ଏପରିକି ଏହାର ଆଉ ଏକ ବିକଳ୍ପ ବ୍ୟବସ୍ଥା ମଧ୍ୟ ବାହାର କରିବାକୁ ପ୍ରସ୍ତାବ ଦେଇଥିଲେ । ଶ୍ରୀମନ୍ଦିର ପ୍ରଶାସନ ଓ ରାଜ୍ୟ ସରକାର ଏହାକୁ ଅଣଦେଖା କରିବା କାରଣରୁ ଆଜି ଏଭଳି ଅଭାବନୀୟ ପରିସ୍ଥିତି ଓ ହିଂସାକାଣ୍ଡ ଘଟିଛି ବୋଲି ଶ୍ରୀ ସିଂହଦେଓ ସିଧାସଳଖ ଅଭିଯୋଗ କରିଛନ୍ତି ।

ଘଟଣା ଘଟିବା ପରେ ସମସ୍ୟାର ସମାଧାନ ବାହାର ନକରି ରାଜନୈତିକ ଉଦ୍ଦେଶ୍ୟ ରଖି ଶାନ୍ତି କମିଟିର ସଦସ୍ୟମାନଙ୍କୁ ଗିରଫ କରୁଛି । ବରଂ ଏହି ଘଟଣାକୁ ସମ୍ବେଦନଶୀଳ ଭାବେ ଗ୍ରହଣ କରି ଶାନ୍ତିପୂର୍ଣ୍ଣ ଭାବେ ସମାଧାନର ବାଟ ଯଥାଶୀଘ୍ର ବାହାର କରିବାକୁ ଶ୍ରୀ ସିଂହଦେଓ ପରାମର୍ଶ ଦେଇଛନ୍ତି ।

ଏହି ଅବସରରେ ରାଜ୍ୟ ସଭାପତି ଶ୍ରୀ ବସନ୍ତ ପଣ୍ଡା, ରାଜ୍ୟ ଉପ ସଭାପତି ସମୀର ମହାନ୍ତି ଏବଂ ରାଜ୍ୟ ସାଧାରଣ ସଂପାଦକ ଭୃଗୁ ବକ୍ସିପାତ୍ର ଉପସ୍ଥିତ ଥିଲେ ।

**(ବିଜେପି ମିଡିଆ ସେଲ୍)**